## ସଂକ୍ଷେପରେ

### ବରିଷ୍ଠ ନାଗରିକ ମଞ୍ଚ ଗଠିତ

ଭଣ୍ଡାରିପୋଖରୀ, ୨୯।୧୧ (ଡି.ଏନ.ଏ.)- ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ବାରିକପୁରସ୍ଥିତ ରାମ ମନ୍ଦିର ପରିସରରେ ସୋମବାର ଏକ ବରିଷ୍ଠ ନାଗରିକ ମଞ୍ଚ ଶିକ୍ଷାବିତ୍ ପୁରୁଷୋତ୍ତମ ରାଉତଙ୍କ ସଭାପତିତ୍ୱରେ ଗଠିତ ହୋଇଛି। ଧାମନଗର ବରିଷ୍ଠ ନାଗରିକ ପରିଷଦର ସାଧାରଣ ସମ୍ପାଦକ ସଚିକାନ୍ତ ପଣ୍ଡା ମଞ୍ଚକୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ଏବିଇଓ ରାମଚନ୍ଦ୍ର ସାହୁ, ପୁରୁଷୋତ୍ତମ ଧଳ ନିର୍ବାଚନ କାର୍ଯ୍ୟ ପରିଚାଳନା କରିଥିଲେ। ନୂତନ ମଞ୍ଚର ସଭାପତି ଭାବେ ପ୍ରଫୁଲ୍ଲ ସାହୁ, କାର୍ଯ୍ୟକାରୀ ସଭାପତି ଅକ୍ଷୟ ମହାନ୍ତି, ଉପସଭାପତି ଭାସ୍କର ଚନ୍ଦ୍ର ଦାସ, ସାଧାରଣ ସମ୍ପାଦକ ସନ୍ତୋଷ ସାହୁ, ସହ ସମ୍ପାଦକ ଘନଶ୍ୟାମ ସ୍ୱାଇଁ, କୋଷାଧ୍ୟକ୍ଷ ପ୍ରସନ୍ନ ମହାପାତ୍ର, କାର୍ଯ୍ୟକାରୀ ସଦସ୍ୟ ଭାବେ କୈଳାସ ଜେନା, କରୁଣାକର ବାରିକ ଏବଂ ରୁକ୍ମଣୀ ଧଳଙ୍କୁ ଚୟନ କରାଯାଇଥିଲା। ଉପଦେଷ୍ଟା ଭାବେ ପୁରୁଷୋତ୍ତମ ରାଉତ ଓ ରବୀନ୍ଦ୍ର ନନ୍ଦ ମନୋନୀତ ହୋଇଛନ୍ତି।

### ଝୁଟୁଣାରେ ଭାଜପାର ମିଶ୍ରଣ ପର୍ବ

ଭଣ୍ଡାରିପୋଖରୀ,୨୯।୧୧ (ଡି.ଏନ.ଏ.)- ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ଝୁଟୁଣା ପଞ୍ଚାୟତରେ ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ପ୍ରଭାରୀ କୈଳାସ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରି ନାରାୟଣ ଧଳ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାକୁ ସାଧାରଣ ଜନତାଙ୍କ ପାଖରେ ପହଞ୍ଚାଇବାକୁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ମଣ୍ଡଳ ସଭାପତି ପ୍ରଫୁଲ୍ଲ ସାହୁ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ପ୍ରଦୀପ ସାହୁ, ଗୋପୀନାଥ କର, ବିଜୟ ମିଶ୍ର, ଭାସ୍କର ରାଉତ, ଅଶୋକ ଘଡ଼େଇ, ବିଷ୍ଣୁ ସେଠୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅନ୍ୟ ଦଳର ଶତାଧିକ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି।

### ବାଲେଶ୍ୱର ରାପାଜ ଏଫ୍‌ସି ଚାମ୍ପିୟନ

ସଜନାଗଡ଼,୨୯।୧୧(ଡି.ଏନ.ଏ.)- ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ଆରବନ୍ଧ ପଞ୍ଚାୟତର ମହାବଳୀ ୟୁଥ୍ କ୍ଲବ ପକ୍ଷରୁ ଆୟୋଜିତ ଚତୁର୍ଥ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ୮ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍‌ରେ ଦେବଗଡ଼କୁ ୪-୩ ପେନାଲ୍ଟି ଗୋଲରେ ପରାସ୍ତ କରି ବାଲେଶ୍ୱରର ରାପାଜ ଏଫ୍‌ସୀ ଚାମ୍ପିୟନ ହୋଇଥିଲା। ଟୁର୍ନାମେଣ୍ଟକୁ ସରପଞ୍ଚ ତନୁଜାଶ୍ରୀ ନାୟକ, ସମିତିସଭ୍ୟ ଅର୍ଜୁନ କୁମାର ମାରାଣ୍ଡି, ଭାଜପା ଯୁବନେତା



କୁଳମଣି ନାୟକ ପ୍ରମୁଖ ଉଦ୍‌ଘାଟନ କରିଥିଲେ। ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ଭାଜପା ଜିଲା ଉପସଭାପତି ଗଙ୍ଗାଧର ମିଶ୍ର, ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ। ଚାମ୍ପିୟନ ଦଳକୁ ନଗଦ ୫୦ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସ ଅପ୍ ଦଳକୁ ୪୦ହଜାର ଟଙ୍କା ସହ ଟ୍ରଫି ପୁରସ୍କାର ଦିଆଯାଇଥିଲା।

### ଫୁଟ୍‌ବଲ ଟୁର୍ନାମେଣ୍ଟ

କୁଆଁମରା, ୨୯।୧୧(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଆରପଟା ପଞ୍ଚାୟତର ହରିବଂଶ ସାହି ବାବା ଭଜନାଥ ଆଥଲେଟିକ ଆସୋସିଏଶନ ପକ୍ଷରୁ ୨୯ ତମ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ ଦଳ ଅଂଶଗ୍ରହଣ କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୌରମୋହନ ବେହେରା ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଫାଇନାଲ ମ୍ୟାଚରେ ପାୱାର ଆଣ୍ଡ ପାୱାର ଦଳକୁ ହରାଇ ମାଙ୍କଡ କେନ୍ଦାର ସିଂ ଆଣ୍ଡ ସିଂ ଦଳ ଚାମ୍ପିୟନ ହୋଇଛି। ଯୁବନେତା ସଞ୍ଜୀବ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଖେଳର ପୁରସ୍କାର ବିତରଣ ଉତ୍ସବରେ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ ମୁଖ୍ୟଅତିଥି, ମଣ୍ଡଳ ସଭାପତି ଶାନ୍ତନୁ କୁମାର ମଦୁଆଲ, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ସୁଶୀଲ ବାରିକ, ଗିରିଜା ଶଙ୍କର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଦଳକୁ ୧୫ ହଜାର ଓ ଉପ ବିଜେତା ଦଳକୁ ୧୦ ହଜାର ଟଙ୍କାର ନଗଦ ଅର୍ଥ ରାଶି ପୁରସ୍କାର ପ୍ରଦାନ କରିଥିଲେ।

# ସ୍ମାର୍ଟ ସ୍କୁଲରେ ଶିକ୍ଷକ ପଦବୀ ଖାଲି

ମାନସ ବିଶ୍ୱାଳ
ବାଲେଶ୍ୱର ଅଫିସ, ୨୯।୧୧





ସ୍ମାର୍ଟ ସ୍କୁଲରେ ରୂପାନ୍ତରଣ ହୋଇଥିବା ପବ୍ଲିକ ହାଇସ୍କୁଲ।

ବାଲେଶ୍ୱର ଜିଲାର ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାର ୫-ଟି ଯୋଜନାରେ ୨୪ଟି ହାଇସ୍କୁଲକୁ ରୂପାନ୍ତରୀକରଣ କରିଛନ୍ତି। ଏସବୁ ସ୍କୁଲରେ ସ୍ମାର୍ଟ କ୍ଲାସ୍ ରୁମ୍ ସାଙ୍ଗକୁ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ କମ୍ପ୍ୟୁଟର ଲାବ୍, ବିଜ୍ଞାନାଗାର, ଇ-ଲାଇବ୍ରେରୀ, ଅଡିଓ-ଭିଜୁଆଲ ମାଧ୍ୟମରେ ଡିଜିଟାଲ ଶିକ୍ଷା, ଉନ୍ନତ ଖେଳପଡ଼ିଆ ବ୍ୟବସ୍ଥା କରାଯାଇଛି। କେବଳ ଔପଦା ସରକାରୀ ଉଚ୍ଚବିଦ୍ୟାଳୟ ବ୍ୟତୀତ ଅନ୍ୟ ୨୩ଟି ସ୍ମାର୍ଟ ସ୍କୁଲକୁ ରୂପାନ୍ତରୀକରଣ କରାଯାଇଛି। ଗତ ୧୧ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଲୋକାର୍ପଣ କରିଛନ୍ତି। ଜିଲାରେ ମୋଟ୍ ବ୍ଲକଗ୍ରାଣ୍ଟ, ଏଡେଡ୍ ଏବଂ ସରକାରୀ ହାଇସ୍କୁଲ ୪୮୪ଟି ଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୫-ଟି ଯୋଜନାରେ ଆଉ ୧୮୭ ସ୍କୁଲକୁ ରୂପାନ୍ତରୀକରଣ କରାଯିବାର ଯୋଜନା ସରିଛି। କିନ୍ତୁ ସମସ୍ତ ବିଦ୍ୟାଳୟରେ ଶିକ୍ଷକ, ପିଅନ, ରାତ୍ର ଜଗୁଆଳିଙ୍କ ଅଭାବ ଯୋଗୁ ଛାତ୍ରୀଛାତ୍ରଙ୍କ ପାଠପଢ଼ା, ବିଦ୍ୟାଳୟ ସୁରକ୍ଷା ନେଇ ଚିନ୍ତାରେ ଅଛନ୍ତି ସ୍କୁଲ କମିଟି ସଦସ୍ୟାସଦସ୍ୟ ଏବଂ ଶିକ୍ଷକମାନେ। ବିଶେଷ କରି ୨୪ ସ୍କୁଲରେ ୮୦ରୁ ଊର୍ଦ୍ଧ୍ୱ ଶିକ୍ଷକ ପଦବୀ ଖାଲି ପଡିଛି। ବିଦ୍ୟାଳୟ ଚାକଚକ୍ୟ ସହିତ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦେବା ପାଇଁ ଅଭିଭାବକମାନେ ସରକାରଙ୍କ ଉପରେ ଚାପ ପ୍ରୟୋଗ କରିଛନ୍ତି।

ରବିବାର ୫-ଟି ଅତିରିକ୍ତ ଶାସନ ସଚିବ ରୂପାରୋଶନ ସାହୁ, ମୋ ସ୍କୁଲ ଅଭିଯାନର ଚିଫ୍ ଅପରେଟିଂ ଅଫିସର ଅମରଜିତ୍ ଜେନା ଭର୍ଚୁଆଲ ମୋଡ଼ରେ ବାଲେଶ୍ୱର, ନବରଙ୍ଗପୁର, କଟକ ଜିଲାର ସ୍ମାର୍ଟସ୍କୁଲଗୁଡ଼ିକର ପ୍ରଧାନଶିକ୍ଷକ, ସ୍କୁଲ କମିଟି ସଦସ୍ୟ, ପୁରାତନ ଛାତ୍ର ସଂସଦ ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ଏହି ଆଲୋଚନାରେ ବିଦ୍ୟାଳୟର ଶିକ୍ଷାଦାନ ଏବଂ ରକ୍ଷଣାବେକ୍ଷଣ ପାଇଁ ଶିକ୍ଷକ ଓ ରାତ୍ର ଜଗୁଆଳିଙ୍କ ନିଯୁକ୍ତି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଭର୍ଚୁଆଲ ବୈଠକରେ

- ଜିଲାର ୨୪ ସ୍କୁଲରେ ନାହାନ୍ତି ୮୦ରୁ ଅଧିକ ଶିକ୍ଷକ
- ଯୋଜନାର ସଫଳତା ନେଇ ପ୍ରଶ୍ନବାଚୀ

ଜିଲା ଶିକ୍ଷାଧିକାରୀ ବିଷ୍ଣୁ ଚରଣ ସୂତାର, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ତଥା ମୋ ସ୍କୁଲ ଅଭିଯାନର ନୋଡ଼ାଲ ଅଫିସର ଧରଣୀଧର ପାତ୍ର ଏବଂ ମୋ ସ୍କୁଲ ଅଭିଯାନର ଜିଲା ସଂଯୋଜକ ଡ. ସନ୍ଦୀପ କୁମାର ଖଟୁଆ ଯୋଗ ଦେଇ କହିଥିଲେ ଯେ, ସ୍ମାର୍ଟ ସ୍କୁଲଗୁଡ଼ିକରେ ଖାଲିପଡ଼ିଥିବା ଶିକ୍ଷକ ପଦବୀ ଅତି ଶୀଘ୍ର ପୂରଣ ହେବ। ଏଥିପାଇଁ ପିଇଟି, ହିନ୍ଦୀ, ସଂସ୍କୃତ, ପିସିଏମ୍, ସିବିଜେଡ୍, ଆର୍ଟସ ଶିକ୍ଷକ ପଦବୀର ନୂତନ ନିଯୁକ୍ତି ପାଇଁ ଆବେଦନକାରୀଙ୍କ ସାର୍ଟିଫିକେଟ୍ ଯାଞ୍ଚ ସରିଯାଇଛି। ଖୁବ୍‌ଶୀଘ୍ର ପଦବୀ ପୂରଣ କରାଯିବା ସହ ବିଦ୍ୟାଳୟଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ପିଅନ ସମେତ ରାତ୍ର ଜଗୁଆଳୀ ପଦବୀ ପୂରଣ କରାଯିବା ପାଇଁ ସରକାର ଯୋଜନା ଆରମ୍ଭ କରିଥିବା ପ୍ରକାଶ କରିଛନ୍ତି।

## 'ସରକାରୀ କାର୍ଯ୍ୟକ୍ରମରେ ଦଳୀୟ ଚିହ୍ନ ବ୍ୟବହାର କରା ନ ଯାଉ'

ଭଦ୍ରକ ଅଫିସ,୨୯।୧୧

ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ବିଜୁ ସ୍ୱାସ୍ଥ୍ୟ କାର୍ଡ ଏକ ସରକାରୀ ଯୋଜନା। ଏହି ଯୋଜନାରେ ଶାସକ ଦଳ ନିଜର ପତିଆରା ଦେଖାଇବା ପାଇଁ ଓ ଆଗାମୀ ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି, ଗଣତନ୍ତ୍ରର ହତ୍ୟା କରି ଦଳୀୟ ଚିହ୍ନ ବ୍ୟବହାର କରୁଛନ୍ତି। ଏହା ଏକ ସରକାରୀ କାର୍ଯ୍ୟକ୍ରମ ହୋଇଥିବା ସତ୍ତ୍ୱେ ସରକାରୀ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ଏହା ନିଶ୍ଚିତ ଭାବେ ଆଇନ ସମ୍ମତ ନୁହେଁ, ଅଗଣତାନ୍ତ୍ରିକ ବୋଲି ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ମନସ୍ମିତା ଖୁଣ୍ଟିଆ କହି ସୋମବାର ଏହା ବିରୋଧରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ଭଦ୍ରକ ବ୍ଲକ ଭାଜପା କାର୍ଯ୍ୟକର୍ତ୍ତାଙ୍କ ପକ୍ଷରୁ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଚନ୍ଦନ ନାୟକ, ସୁବୋଧ ଦାସ, ବାଦଲ ପଣ୍ଡା, ମାନଗୋବିନ୍ଦ ନାୟକ, ଗୌତମ ବେହେରା, ଶ୍ରୀକାନ୍ତ ଛତାର, ମାନସ ପଣ୍ଡା, ଜୀବନ ନାୟକ ପ୍ରମୁଖ ଏଥିରେ ସାମିଲ ଥିଲେ।

## ମେଧା ପ୍ରତିଭା ସମ୍ମାନ ସମାରୋହ



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର ।

ଖଇରା,୨୯।୧୧(ଡି.ଏନ.ଏ.)

ସ୍ୱାମୀ ବିବେକାନନ୍ଦ ସେବା ସଂସ୍ଥାନ ଆନୁକୂଲ୍ୟରେ ଖଇରା ବ୍ଲକରେ ଚଳିତ ବର୍ଷ ଏନଆଇଟି, ମେଡିକାଲ, ଆଇଆଇଟି ଭଳି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ରବିବାର ସମ୍ବର୍ଦ୍ଧିତ କରାଯାଇଛି। ବିବେକାନନ୍ଦ ସଂସ୍ଥାନର ମୁଖ୍ୟ ପ୍ରାକ୍ତନ ବାୟୁଯୋଦ୍ଧା ସତ୍ୟବ୍ରତ ନାରାୟଣ ବେହେରାଙ୍କ ଆବାହକତ୍ୱରେ ଦୁର୍ଗାମଣ୍ଡପଠାରେ ଅନୁଷ୍ଠିତ ସମାରୋହରେ ଖଇରା କଲେଜର ପୂର୍ବତନ ଅଧକ୍ଷ ବସନ୍ତ କୁମାର ଖିଲାର ସଭାପତିତ୍ୱ କରିଥିଲେ। ଅତିଥି ଭାବେ ତହସିଲଦାର ମହେନ୍ଦ୍ର କୁମାର ବେହେରା, ଅଧ୍ୟାପକ ହରିହର ପଣ୍ଡା, ଦେବେନ୍ଦ୍ର ରାଉତ,ଉମେଶ ଚନ୍ଦ୍ର ନାୟକ,ସୁଦାମ ଚରଣ ରାଉତ, ସଂକୀର୍ତ୍ତନ ପଣ୍ଡା, ରଘୁନାଥ ପତ୍ରୀ, ଗଗନ ବିହାରୀ ପଣ୍ଡା, ସନ୍ତୋଷ ଶତପଥୀ, ସ୍ୱାମୀ ଗଣେଶାନନ୍ଦ ପୁରୀ, ଦମୟନ୍ତୀ ରାଉତ, ଶ୍ରୀକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇ ଏଭଳି ସମ୍ବର୍ଦ୍ଧନା ପିଲାମାନଙ୍କୁ ଆଗକୁ ବଢିବା ପାଇଁ ପ୍ରେରଣା ଯୋଗାଇବ ବୋଲି କହିଥିଲେ । ପ୍ରତିଯୋଗିତାରେ ସଫଳତା ପାଇଥିବା ନିମାଇ ବିଶ୍ୱରଞ୍ଜନ ବେହେରା,ଦିଲ୍ଲୀପ କୁମାର ଜେନା, ସରୋଜ କୁମାର ପଟ୍ଟନାୟକ, ଜ୍ୟୋତି ରଞ୍ଜନ, ଶୁଭମ ପ୍ରକାଶ ମହାନ୍ତି, ପଲ୍ଲବୀ ଦାସ, ସୁର୍ଗେଶ ସାହୁ, ପ୍ରତୀକ ବିଶ୍ୱାଳ, ମନୋଜ ସେଠୀ, ଶୁଭାଷିଷ ବେହେରା, ବିଭୁଜିତ ନାୟକ, ରଜତ ସ୍ୱାଇଁ, ଜୟ ପ୍ରକାଶ ରାଉତ,ଦିବ୍ୟକଲ୍ୟାଣ ରଥ, କୃତିଦିପା ରାଉତ ପ୍ରମୁଖଙ୍କୁ ମାନପତ୍ର, ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଟ୍ରେଲର ଚଳାଚଳ ଉପରେ କଟକଣା ଦାବି

କେନ୍ଦୁଝର,୨୯।୧୧
(ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲାର ୬ ଟ୍ରକ୍ ମାଲିକ ସଂଘକୁ ନେଇ ଗଠିତ କୋର୍ କମିଟି ପକ୍ଷରୁ ଟ୍ରକ୍ ମାଲିକମାନଙ୍କ ସମସ୍ୟା ନେଇ ଏକ ଦାବିପତ୍ର ସୋମବାର ଜିଲାପାଳ ଆଶିଷ ଠାକ୍‌ରେଙ୍କୁ ପ୍ରଦାନ କରାଯାଇଛି। ଜିଲାରେ ଟ୍ରେଲର ଚଳାଚଳ ଯୋଗୁ ଟ୍ରକ୍ ମାଲିକମାନେ କ୍ଷତି ସହୁଛନ୍ତି। ଏଣୁ ଟ୍ରେଲର ଚଳାଚଳ ଉପରେ କଟକଣା ଲଗାଯିବାକୁ ଦାବି ହୋଇଛି। ପ୍ରକାଶ ଯେ, ଜିଲାରେ ବହୁ ସଂଖ୍ୟାରେ ଯୁବକ ଋଣ କରି ଟ୍ରକ୍ ବ୍ୟବସାୟ କରୁଛନ୍ତି। ଏହି ବ୍ୟବସାୟ ଉପରେ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବେ ଲକ୍ଷାଧିକ ଲୋକ ଗୁଜୁରାଣ ମେଣ୍ଟାଉଛନ୍ତି। ଜିଲାର ବିଭିନ୍ନ ଖଣିରୁ ହଜାର ହଜାର ବାହାର ରାଜ୍ୟର ଟ୍ରେଲର ଦ୍ୱାରା ଲୁହାପଥର ପରିବହନ ହେଉଛି। ଫଳରେ ଜିଲାର ହଜାର ହଜାର ଟ୍ରକ୍ ପରିବହନ ସୁଯୋଗ ନ ପାଇ ଛିଡ଼ା ହୋଇ ରହୁଛି। ଏଣୁ ଟ୍ରେଲର ମାଧ୍ୟମରେ ପରିବହନ ବନ୍ଦ କରିବା ସହ ୨୦୧୨ରେ ପ୍ରଶାସନ ଉପସ୍ଥିତିରେ ରେଳ, ସଡ଼କ ପଥରେ ପରିବହନ ସମ୍ବନ୍ଧରେ ପରିବହନ ଅନୁପାତ ହୋଇଥିବା ନେଇ ଖଣି କମ୍ପାନୀ ଓ ବିଭିନ୍ନ ଟ୍ରକ ମାଲିକ ସଂଘ ମଧ୍ୟରେ ହୋଇଥିବା ଚୁକ୍ତିନାମା ଲାଗୁ, ଟ୍ରକ୍‌ର ବୈଷୟିକ ସ୍ଥିତିକୁ ଦୃଷ୍ଟିରେ ରଖି ସରକାର ଉଚିତ୍ ପରିବହନ ମୂଲ୍ୟ ନିର୍ଦ୍ଧାରଣ ଏବଂ ଲୋଡିଂ କ୍ଷେତ୍ରରେ ଜିଲାର ଟ୍ରକ୍‌ଗୁଡିକୁ ଅଗ୍ରାଧିକାର ଦେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଜିଲା ଟ୍ରକ୍ ମାଲିକ ସଂଘର ସାଧାରଣ ସମ୍ପାଦକ ସୂର୍ଯ୍ୟ ନାରାୟଣ କର, ଉପସଭାପତି ଦିଲୀପ ପଣ୍ଡା, ଯୁଗ୍ମ ସମ୍ପାଦକ ଦେବାଶିଷ ପଟ୍ଟନାୟକ, ସଞ୍ଜୟ ସିଂ, ଯୋଡ଼ା ସଂଘର ସମ୍ପାଦକ ସୁଶାନ୍ତ ବାରିକ, ମାଇନିଂ ଏରିଆ ସଂଘର ସମ୍ପାଦକ ଚନ୍ଦ୍ରପ୍ରସାଦ ଗୁପ୍ତା, ଆଞ୍ଚଳିକ ସଂଘ କାଳିମାଟିର ସଭାପତି ମନୋଜ ମହାନ୍ତ, ସମ୍ପାଦକ ରାଜେନ୍ଦ୍ର ବାରିକ, ଭଦ୍ରାସାହି ସଂଘର ସଭାପତି ସୁନିଲ ଦତ୍ତ, ଗୁଆଲି ମା' ତାରିଣୀ ଟ୍ରକ୍ ମାଲିକ ସଂଘ ସମ୍ପାଦକ ହରେକୃଷ୍ଣ ଆପଟ୍ଟ ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।



ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତାମାନେ ଜିଲାପାଳ ଆଶିଷ ଠାକ୍‌ରେଙ୍କ ସହ ଆଲୋଚନା କରୁଛନ୍ତି।

## ରାଜଭବନ ଅଭିମୁଖେ ବାରିପଦାରୁ ସ୍ୱାଭିମାନ ପଦଯାତ୍ରା

ବାରିପଦା ଅଫିସ,୨୯।୧୧

ସାନ୍ତାଳୀ ଭାଷାକୁ ସଂଖ୍ୟାଲଘୁ ଭାଷା ମାନ୍ୟତା ଦାବିରେ ଝାଡ଼ଖଣ୍ଡ ଯୁବ ମୋର୍ଚ୍ଚା ପକ୍ଷରୁ ରବିବାର ରାଜଭବନ ଅଭିମୁଖେ ସ୍ୱାଭିମାନ ପଦଯାତ୍ରା ଆରମ୍ଭ କରିଛନ୍ତି। ବାରିପଦା ପାଲବଣୀସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ୨୦ରୁ ଉର୍ଦ୍ଧ୍ୱ ଆଦିବାସୀ ଯୁବକ ଏହି ଯାତ୍ରାରେ ଭୁବନେଶ୍ୱର ଯାଇ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରିବେ। ପଶ୍ଚିମବଙ୍ଗ ସରକାର ସାନ୍ତାଳୀ ଭାଷାକୁ ମାନ୍ୟତା ପ୍ରଦାନ କରିଥିବା ବେଳେ ବାରମ୍ବାର ଦାବି ସତ୍ତ୍ୱେ ଓଡ଼ିଶା ସରକାର ଏଥିପ୍ରତି କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ସେହିପରି ଆଦିବାସୀଙ୍କ ପାରମ୍ପାରିକ ବିଚାର ବ୍ୟବସ୍ଥା, ସାନ୍ତାଳୀ ଭାଷାକୁ ସଂଖ୍ୟାଲଘୁର ମାନ୍ୟତା ପ୍ରଦାନ, ମାଝୀ-ପାରଗାନା, ମାନକି-ମୁଣ୍ଡା ଓ ପାହାଡି-ପଧାନି ଆଦି ବ୍ୟବସ୍ଥାକୁ ସ୍ୱୀକୃତି ପ୍ରଦାନ ପାଇଁ ଦାବିପତ୍ର ଦିଆଯିବ ବୋଲି ମୋର୍ଚ୍ଚାର ସଭାପତି ଅଜ୍ଜୁନ ମୁର୍ମୁ ପ୍ରକାଶ କରିଛନ୍ତି । ଏହି ପଦଯାତ୍ରାରେ ଚୈତନ ସୋରେନ, ପୃର୍ଥୁରାଜ ହାଁସଦା, ବିନ୍ଦୁ ଚନ୍ଦନ ହାଁସଦା, ସୁନାରାମ ସୋରେନଙ୍କ ସମେତ ଯୁବ କର୍ମକର୍ତ୍ତାମାନେ ଏଥିରେ ସାମିଲ ଅଛନ୍ତି ।

## ନୂତନ ଜିଲା ଜଜ୍‌ଙ୍କୁ ସ୍ୱାଗତ

ଭଦ୍ରକ ଅଫିସ, ୨୯।୧୧

ଭଦ୍ରକର ନବନିଯୁକ୍ତ ଜିଲା ଜଜ୍ ପ୍ରଦ୍ୟୁମ୍ନ କୁମାର ନାୟକଙ୍କୁ ଓକିଲ ସଂଘ ପକ୍ଷରୁ ସୋମବାର ସ୍ୱାଗତ କରାଯାଇଛି। ସଭାପତି ଦିଲୀପ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଥିଲା। ଭଦ୍ରକରେ ବିଚାର ନ ହୋଇ ପଡ଼ି ରହିଥିବା ମହିଳା ନିର୍ଯାତନା ସମ୍ପର୍କିତ ଓ ଚେକ୍ ବାଉନ୍ସ ମାମଲାର ବିଚାର ପାଇଁ ସ୍ୱତନ୍ତ୍ର କୋର୍ଟ ପ୍ରତିଷ୍ଠା ଲାଗି ନୂତନ ଜିଲାଜଜ୍ ପ୍ରତିଶ୍ରୁତି ଦେଇଛନ୍ତି। ବରିଷ୍ଠ ଆଇନଜୀବୀ ନିରାକାର ଜେନା, ଜତିକାନ୍ତ ନାୟକ, ଶଶିଭୂଷଣ ପଣ୍ଡା, ଯତିନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଉପସଭାପତି କରୁଣାକର ଦାସ ଧନ୍ୟବାଦ ଦେଇଥିଲେ।

## ତ୍ରିବେଣୀ ଆର୍ଥ ମୁଭର୍ସ ଚାମ୍ପିୟନ

### ଦିବାରାତ୍ର ଭଲିବଲ୍ ଟୁର୍ନାମେଣ୍ଟ

ଢେଙ୍କିକୋଟ,୨୯।୧୧(ଡି.ଏନ.ଏ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ ସାନ୍ତରାପୁର ମୁସଲିମ ବସ୍ତି ୟୁଥ କ୍ଲବ ପକ୍ଷରୁ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ବିଡିଓ ନାରାୟଣ ସାହୁ ମୁଖ୍ୟଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ସରପଞ୍ଚ ଅନାଦି ଚରଣ ସିଂ, ସମିତି ସଭ୍ୟ କାର୍ତ୍ତିକ ସିଂ, ମୁସଲିମ ବସ୍ତିର ସର୍ଦ୍ଦାର ସେକ ତାହିର, ଅଧ୍ୟାପକ ପ୍ରଦୀପ ଦାସ, ଜିଲା ଯୁବ ବିଜେଡି ସଭାପତି ସେକ ଇମ୍ରାନ, ଫାଣ୍ଡି ଅଧିକାରୀ ଈଶ୍ୱର ଚନ୍ଦ୍ର ପ୍ରଧାନ, ଜିଲା ଟ୍ରକ୍ ମାଲିକ ସଂଘର ପୂର୍ବତନ ସମ୍ପାଦକ ପ୍ରଦୀପ ବାରିକ, ଜିଲା ପରିଷଦ ସଭ୍ୟ ନିର୍ମଳ ଚନ୍ଦ୍ର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚ୍‌ରେ ଓଡ଼ିଶା ପୋଲିସ ଟିମ୍‌କୁ ହରାଇ ତ୍ରିବେଣୀ ଆର୍ଥମୁଭର୍ସ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଜିଲା ଓକିଲ ସଂଘ ସଭାପତି ଆଶିଷ ଚନ୍ଦ୍ରବର୍ତ୍ତୀ, ଜିଲା ପରିଷଦ ଉପାଧ୍ୟକ୍ଷ ଅକ୍ଷୟ ସାହୁ, ଜିଲା ଟ୍ରକ୍ ମାଲିକ ସଂଘ ସଭାପତି ଉମାକାନ୍ତ ନାୟକ, ସମ୍ପାଦକ ସୂର୍ଯ୍ୟନାରାୟଣ କର, ସହସମ୍ପାଦକ ଦେବୁ ପଟ୍ଟନାୟକ, ଢେଙ୍କିକୋଟ ଇବି ମେମ୍ବର ବିଜୟ ସାହୁ, ଘସିପୁରା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସାମ୍ବାଦିକ ନୀଳମଣି ମଣ୍ଡଳ ଏବଂ ଓସ୍କାର ସମ୍ପାଦକ କାହ୍ନୁଚରଣ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରେଫ୍ରି ଭାବେ ନିରଞ୍ଜନ ନାୟକ, କଳାକର ସାମଲ, ସୁଶାନ୍ତ ଗୌଡ଼, ଗଗନବିହାରୀ ପରିଡ଼ା, କୁମାର ରଞ୍ଜନ ମଲ୍ଲିକ ଓ ମାନସ ମହାନ୍ତ ଖେଳ ପରିଚାଳନା କରିଥିଲେ। ସୁରେଶ ସାଣ୍ଡିଲ ଏବଂ ନୀଳମଣି ମଣ୍ଡଳ ଧାରା ବିବରଣୀ ପ୍ରଦାନ କରିଥିଲେ। କାହ୍ନୁଚରଣ ସାମଲ, ସେକ୍ ବେଲାଲ ସ୍କୋର ବୋର୍ଡ ଦାୟିତ୍ୱରେ ଥିଲେ। କ୍ଲବ ସଭାପତି ସେକ୍ ଟିପୁସୁଲତାନ ସଭା ପରିଚାଳନା, ସମ୍ପାଦକ ଏମ.ଡି ସାଦିକ ବାର୍ଷିକ ବିବରାଣୀ ପାଠ କରିଥିଲେ।

# ଦାବି ପୂରଣ ନ ହେବା ଯାଏ କାର୍ଯ୍ୟବନ୍ଦ ଆନ୍ଦୋଳନ

କେନ୍ଦୁଝର, ୨୯।୧୧ (ସ୍ୱ.ପ୍ର.)

କେନ୍ଦୁଝର ଗ୍ରାମୀଣ ଜଳଯୋଗାଣ କର୍ମଚାରୀ ମହାସଂଘ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ସୋମବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଗତ ସେପ୍ଟେମ୍ବର ୨୫ରୁ ସେମାନଙ୍କର ଧାରଣା ଭୁବନେଶ୍ୱରରେ ଚାଲି ଆସୁଥିବାବେଳେ ସମସ୍ୟାର ସମାଧାନ ହୋଇନାହିଁ। ଫଳରେ କର୍ମଚାରୀଙ୍କ ମଧ୍ୟରେ ନିରାଶ ଦେଖାଦେଇଛି। ମହାସଂଘର ନିଷ୍ପତ୍ତି କ୍ରମେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସେମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିବେ ବୋଲି କହିଛନ୍ତି।

ଏହି କର୍ମଚାରୀମାନେ ତାଲିମ ପାଇ ୨୦ବର୍ଷ ଧରି କାର୍ଯ୍ୟ କରି ଆସୁଥିଲେ ହେଁ ସେମାନଙ୍କୁ ନ୍ୟାୟ ମିଳୁନାହିଁ। ବର୍ଷ ତମାମ ବିନା ଛୁଟିରେ କାମ କରିବା ସହ କୋଭିଡ୍ ସମୟରେ ଜୀବନକୁ ବାଜି ଲଗାଇ ଜଳ ଯୋଗାଣ କରିଆସୁଥିଲେ ମଧ୍ୟ ଯୋଦ୍ଧା ମାନ୍ୟତା ନ ମିଳିବା ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏସ୍‌ଇଏମ୍ ପଦବୀ ଉଚ୍ଛେଦ କରି ଗ୍ରାମ୍ୟ ଜଳ ଯୋଗାଣ କର୍ମଚାରୀ ମାନ୍ୟତା, ଶ୍ରମ ନିୟମ ଅନୁଯାୟୀ କୁଶଳୀ ଓ ଅଣକୁଶଳୀ ନିୟମ ପାଳନ, ସର୍ବୋଚ୍ଚ ଓ ଉଚ୍ଚ ନ୍ୟାୟାଳୟ ଆଦେଶ ପାଳନ କରି ସମାନ କାମକୁ ସମାନ ଦରମା ପ୍ରଦାନ, ଚାକିରି କ୍ଷେତ୍ରରେ ୫ ବର୍ଷର ବୟସସୀମା କୋହଳ, ୧୦ ବର୍ଷର ପୂର୍ବ ବକେୟା ଦେବା, କାର୍ଯ୍ୟ କ୍ଷେତ୍ରରେ ମୃତ୍ୟୁ ଘଟିଲେ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ଓ ପରିବାରର ଜଣଙ୍କୁ ଥଇଥାନ କରି ନିଯୁକ୍ତି ଆଦି ଦାବି ରହିଛି। ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ସମୟରେ ମୁରଲୀଧର ଲୋହାର, ନନ୍ଦ କିଶୋର ମହାନ୍ତ ପ୍ରମୁଖ କର୍ମଚାରୀ ଉପସ୍ଥିତ ଥିଲେ।

## ୬ ପଞ୍ଚାୟତରେ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ

ଭଣ୍ଡାରିପୋଖରୀ, ୨୯।୧୧
(ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ୬ ପଞ୍ଚାୟତ ରାମଚନ୍ଦ୍ରପୁର, ରଣଜିତ, ବାଲିପୋଖରୀ, ନିର୍ଗୁଣ୍ଡି, ଜଳମଣ୍ଡୁଆ ଓ ବିଷ୍ଣୁପୁର ପଞ୍ଚାୟତରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ହିତାଧିକାରୀଙ୍କୁ ସ୍ମାର୍ଟ କାର୍ଡ ବଣ୍ଟନ କରାଯାଇଛି। ବିଧାୟକ ପ୍ରଫୁଲ୍ଲ ସାମଲ, ତହସିଲଦାର ସରୋଜକାନ୍ତ ନାୟକ, ଜିଲା ପରିଷଦ ସଭ୍ୟ ଦୀପ୍ତିସୂର୍ଯ୍ୟ ବିଶ୍ୱାଳ, ଯୁବନେତା ଉତ୍କଳ କେଶରୀ ମହାନ୍ତି, ଲଳିତ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ପଞ୍ଚାୟତର ସରପଞ୍ଚ ବିଜୟ କୁମାର ସ୍ୱାଇଁ, ରଞ୍ଜୁଲତା ସେଠୀ, ଜଗବନ୍ଧୁ ଦାସ, ନମିତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।





ରଣଜିତ ପଞ୍ଚାୟତ ମଞ୍ଜୁରୀଠାରେ ଅନୁଷ୍ଠିତ ଉତ୍ସବରେ ବିଧାୟକ ପ୍ରଫୁଲ୍ଲ ସାମଲ ଉଦ୍‌ବୋଧନ ଦେଉଛନ୍ତି।

# ଖତ ଖାଉଛି 'ଖୁସି'

ପଦ୍ମପୁର,୨୯।୧୧ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକରେ ଖୁସି ଯୋଜନା ପ୍ରହସନ ପାଲଟିଛି। କିଶୋରୀ ଛାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଏହି ଯୋଜନା। ଷଷ୍ଠ ଶ୍ରେଣୀରୁ ଆରମ୍ଭ କରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନେ ସାନିଟାରୀ ନାପ୍‌କିନ ବ୍ୟବହାର କରି ସୁସ୍ଥ ରହିବା ଏହାର ଉଦ୍ଦେଶ୍ୟ। ମାତ୍ର ବିଭିନ୍ନ ବିଦ୍ୟାଳୟରେ ଛାତ୍ରୀମାନଙ୍କୁ ବଣ୍ଟନ ପାଇଁ ଏହି ବ୍ଲକକୁ ଆସିଥିବା ସାନିଟାରୀ ନାପ୍‌କିନ ଗୋଦାମରେ ଖତ ଖାଉଛି।

ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟ ଔଷଧ ନିଗମ ପକ୍ଷରୁ ଗତ ଜାନୁୟାରୀରେ ଏହି ବ୍ଲକରେ ଥିବା ନୋଡାଲ ସେଣ୍ଟରକୁ ୫ ଲକ୍ଷ ୭୦ ହଜାର ସାନିଟାରୀ ନାପ୍‌କିନ ଯୋଗାଇ ଦିଆଯାଇଥିଲା। ପୁଣି ଫେବୃୟାରୀରେ ୨ ଲକ୍ଷ ୧୦ ହଜାର ୮୭୦ଟି ଆସିଥିଲା। ପୂର୍ବରୁ ବଣ୍ଟା ହୋଇ ନ ଥିବା ୧ ଲକ୍ଷ ୪୦ ହଜାର ୫୬୨ଟି ଗଚ୍ଛିତ ଥିଲା। ମୋଟ ୯ ଲକ୍ଷ ୨୧ ହଜାର ୬୭୨ଟି ନାପ୍‌କିନ ନୋଡାଲ ସେଣ୍ଟରରେ ଗଚ୍ଛିତ ହୋଇ ରହିଥିଲା। ନଭେମ୍ବରରେ ୬ ଲକ୍ଷ ୪ ହଜାର ୪୭୨କୁ ମିଶାଇ ଏବେ ମୋଟ ୧୫ ଲକ୍ଷ ୨୬ ହଜାର ୪୭୨ଟି ମହଜୁଦ ଅଛି। ପୂର୍ବରୁ ଥିବା ସାନିଟାରୀ ନାପ୍‌କିନର ବୈଧତା ସରିଯିବାକୁ ବସିଥିବା ବେଳେ ଏବେ ଆସିଥିବା ନାପ୍‌କିନର ନା ତିଆରି ତାରିଖ ଅଛି ନା ଏକ୍ସପାଏରୀ ତାରିଖ। ଅନ୍ୟପଟେ ନାପ୍‌କିନ ବାଣ୍ଟିବା ଦାୟିତ୍ୱ କାହାର ଏହାକୁ ନେଇ ବିବାଦ ଉପୁଜିଛି।

ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ଜଗବନ୍ଧୁ ସାହୁଙ୍କୁ ପଚାରିବାରୁ କହିଛନ୍ତି, ଏହା ସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱ। ନାପ୍‌କିନଗୁଡ଼ିକ ଆଞ୍ଚଳିକ ସାଧନ କେନ୍ଦ୍ରରେ ପହଞ୍ଚାଇ ଦେଲେ ଶିକ୍ଷୟିତ୍ରୀ ଶିକ୍ଷକ ସେଗୁଡ଼ିକୁ ବଣ୍ଟନ କରିପାରିବେ। ହେଲେ ସ୍ୱାସ୍ଥ୍ୟ ବିଭାଗ ସହଯୋଗ କରୁନାହିଁ। ଅପରପକ୍ଷେ ଗୋଷ୍ଠୀ ଚିକିତ୍ସାଧିକାରୀ ସୁଶାନ୍ତ ସାମନ୍ତଙ୍କୁ ପଚାରିବାରୁ ଆମେ ସାନିଟାରୀ ନାପ୍‌କିନ ଗ୍ରହଣ କରି ନୋଡାଲ ସେଣ୍ଟରରେ ରଖିଛୁ, ସେଗୁଡ଼ିକୁ ବଣ୍ଟନ କରିବା ଦାୟିତ୍ୱ ଶିକ୍ଷା ବିଭାଗର ବୋଲି କହିଛନ୍ତି। ଫଳରେ ଏହାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ତେବେ ତୁରନ୍ତ ଏହାର ସମାଧାନ କରି ଛାତ୍ରୀମାନଙ୍କୁ ନାପ୍‌କିନ ବଣ୍ଟନ କରାଯିବାକୁ ଦାବି ହେଉଛି।



ନୋଡାଲ ସେଣ୍ଟରରେ ଗଚ୍ଛିତ ସାନିଟାରୀ ନାପ୍‌କିନ।

## ଫେରାର ଅଟୋ ଚାଳକ ଗିରଫ

ପାଟଣା, (ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ସାହାରପଡ଼ା ଦେଇ ଯାଇଥିବା ୨୨୦ ନଂ. ଜାତୀୟ ରାଜପଥ ଖଜୁରୀଡିହା ନିକଟରେ ଗତ ଅକ୍ଟୋବର ୬ ତାରିଖରେ ଏକ ଦୁର୍ଘଟଣାରେ ଜୟନ୍ତ ନାଏକ ନାମ୍ନୀ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇଥିବା ଅଟୋ ଚାଳକ ଫେରାର ଥିଲେ। ସୋମବାର ପାଟଣା ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ କରଞ୍ଜିଆ ଥାନା ରସନ୍ତଲା ସିମୀସାହିର ଅନିଲ ମହାନ୍ତ। ଏନେଇ ପାଟଣା ଥାନାରେ ମାମଲା (ନଂ.୧୬୮/୨୧) ରହିଛି।

## ସଂକ୍ଷେପରେ

### ମୃଦୁ ପାନୀୟରେ ଧଳା ଲାଲୁଆ ରବର



ହାଟଡିହୀ,୨୯।୧୧(ଡି.ଏନ.ଏ.)- କେନ୍ଦୁଝର ଜିଲା ହାଟଡିହୀ ବ୍ଲକ କପୁଣ୍ଡି ଗ୍ରାମର ବିଭୂତି ଭୂଷଣ ଜେନା ପିଇବା ପାଇଁ ଏକ ଦୋକାନରୁ ମୃଦୁ ପାନୀୟ ଗ୍ଲାସ କିଣିଥିଲେ। ଗ୍ଲାସ ମୁହଁ କଭର ଖୋଲିଲା ପରେ ସେଥିରେ ଏକ ଲାଲୁଆ ଧଳା ରବର ସଦୃଶ ପଦାର୍ଥ ଭାସୁଥିବା ଦେଖା ଯାଇଥିଲା। ତାହାକୁ ହାତରେ ମକଚିଲେ ମଧ ତାହା ମିଳାଇ ନ ଥିଲା। ତେବେ ଏଭଳି ଅପମିଶ୍ରିତ ପଦାର୍ଥ ମଣିଷ ପେଟକୁ ଗଲେ କିଭଳି ସମସ୍ୟା ସୃଷ୍ଟି କରିବ ତାକୁ ନେଇ ପ୍ରଶ୍ନ ଉଠିଛି। ଉକ୍ତ ମୃଦୁ ପାନୀୟ କମ୍ପାନୀ ଉପରେ ଅଙ୍କୁଶ ନ ଲାଗିଲେ ଏହି ପାନୀୟ ପିଇ ଲୋକେ ଜୀବନ ହରାଇ ପାରନ୍ତି ବୋଲି ବିଭୂତି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

### ଚନ୍ଦନେଶ୍ୱର ବଜାରରେ ଅଗ୍ନିକାଣ୍ଡ

ଭୋଗରାଇ, ୨୯।୧୧(ଡି.ଏନ.ଏ.)- ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ମହାଦେବ ନିକଟରେ ରବିବାର ଭୟାବହ ଅଗ୍ନିକାଣ୍ଡ ଘଟି ୧୦ଟି କ୍ୟାବିନ୍ ପୋଡ଼ି ଛାରଖାର ହୋଇଯାଇଛି। ଉକ୍ତ କ୍ୟାବିନ୍‌ରେ ରାତିରେ କେହି ଶୋଇ ନ ଥିବାରୁ କୌଣସି ଜୀବନହାନି ହୋଇନାହିଁ। ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

### ରାସ୍ତାକଡ଼ ବୁଦାରୁ ମୃତଦେହ ଜବତ

ଉଦଳା/କୁଆମରା,୨୯।୧୧(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଉଦଳା ଥାନା ଦିଘିନୁଆସାହି ଛକଠାରୁ କିଛି ମିଟର ଦୂର ରାସ୍ତା ପାର୍ଶ୍ୱ ଏକ ବୁଦା ମୂଳରୁ ସୋମବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ କେଶପୁର ଗ୍ରାମର ଶରତ ପାତ୍ର। ରବିବାର ଶରତ ମାର୍ଶି ଗାଁ ସାପ୍ତାହିକ ହାଟକୁ ଯାଇ ଫେରି ନ ଥିଲେ। ପୋଲିସ ଅପମୃତ୍ୟୁ ମାମଲା(ନଂ.୫୩/୨୧) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଗୋଷ୍ଠୀ କେନ୍ଦ୍ରର ଭିତ୍ତିପ୍ରସ୍ତର

ପଦ୍ମପୁର,୨୯।୧୧(ଡି.ଏନ.ଏ.)-ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ସାହାଡ଼ା ପଞ୍ଚାୟତରେ ରହଣିଆ ପୋଖରୀ ସାମ୍ନାରେ ସୋମବାର ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ବିଧାୟକ ସଞ୍ଜୀବ ମଲ୍ଲିକଙ୍କ ଦ୍ୱାରା ଗୋଷ୍ଠୀ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏମ୍‌ପିଙ୍କ ହାତପାଣ୍ଠିରୁ ୫ ଲକ୍ଷ ଟଙ୍କା ବ୍ୟୟରେ ଏହି କେନ୍ଦ୍ର ନିର୍ମାଣ ହେବ। ଏଥିସହ ୯ ଲକ୍ଷ ଟଙ୍କା ବ୍ୟୟରେ ସାହାଡ଼ା-ଅଣ୍ଡରାଇ ବଜାରର ରାସ୍ତାପାର୍ଶ୍ୱ ଆଲୋକୀକରଣ ବ୍ୟବସ୍ଥା ଉଦ୍‌ଘାଟିତ ହୋଇଛି। ସରପଞ୍ଚ ପ୍ରମିଳା ବେହେରା, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ଜିଲା ପରିଷଦ ଅଧକ୍ଷ ଜଗନ୍ନାଥ ସ୍ୱାଇଁ, ପୂର୍ବତନ ସରପଞ୍ଚ ଡ. ପୂର୍ଣ୍ଣଚନ୍ଦ୍ର ଦାସ, ବ୍ଲକ ଅଧକ୍ଷ ରଘୁନାଥ ଧଳ, ଜିଲା ପରିଷଦ ସଭ୍ୟା ସୁକାନ୍ତି ନାୟକ, ସମିତିସଭ୍ୟା ଶାନ୍ତିଲତା ଧୂପାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରେ ଛାତ୍ର ଅଶାନ୍ତି

**ବିକଳ୍ପ ମୂଲ୍ୟାୟନ ଦାବିରେ ଧାରଣା**

ବାଲେଶ୍ୱର ଅଫିସ, ୨୯।୧୧

ବାଲେଶ୍ୱର ଫକୀରମୋହନ(ଏଫ୍‌ଏମ୍) ବିଶ୍ୱବିଦ୍ୟାଳୟରେ ଛାତ୍ର ଅଶାନ୍ତି ଦେଖାଦେଇଛି। ପିଜି ଛାତ୍ରୀଛାତ୍ରମାନେ ଦ୍ୱିତୀୟ ସେମିଷ୍ଟର ବାତିଲ୍ କରି ବିକଳ୍ପ ମୂଲ୍ୟାୟନରେ ଫଳାଫଳ ପ୍ରକାଶ କରିବା ପାଇଁ ଅଡି ବସିଛନ୍ତି। ଛାତ୍ରୀଛାତ୍ରମାନେ ସୋମବାର ପୂର୍ବାହ୍ଣରେ ରେମୁଣା ଗୋଲେଇସ୍ଥିତ ବିଶ୍ୱବିଦ୍ୟାଳୟର ପୁରୁଣା କ୍ୟାମ୍ପସ୍ ପରିସରରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ।

ପିଜି ଦ୍ୱିତୀୟ ସେମିଷ୍ଟର ଅନଲାଇନ୍‌ରେ ହେବା ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅକ୍ଟୋବର ୨୭ରେ ଏକ ନୋଟିସ୍ ଜାରି କରାଯାଇଥିଲା। ମହାମାରୀ କରୋନା ପାଇଁ ଶିକ୍ଷାବର୍ଷ ଗଡ଼ି ଚାଲିଥିବା ବେଳେ ଖୁବ୍ କମ୍ ସମୟରେ ଏକାଧିକ ସେମିଷ୍ଟର ପାଠପଢ଼ା ଓ ପରୀକ୍ଷା କରାଗଲେ ଶିକ୍ଷାଗ୍ରହଣରେ ଅତିରିକ୍ତ ଚାପ ପଡ଼ିବ ବୋଲି ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ବିଳମ୍ବରେ କୋର୍ସ ଶେଷ ହେଉଥିବାରୁ ଏକାଧିକ ପ୍ରବେଶିକା ପରୀକ୍ଷାରୁ ବଞ୍ଚିତ ହେବାକୁ ପଡ଼ିବ। ୟୁଜିସି ଗାଇଡ଼ଲାଇନ୍ ଅନୁସରଣ କରି ରାଜ୍ୟର ପ୍ରାୟ ସମସ୍ତ ବିଶ୍ୱବିଦ୍ୟାଳୟ ପିଜି ଦ୍ୱିତୀୟ ସେମିଷ୍ଟର ପରୀକ୍ଷା ବାତିଲ୍‌କରିବିକଳ୍ପମୂଲ୍ୟାୟନ ପଦ୍ଧତି ଆପଣେଇଥିଲା ବେଳେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିଷ୍ପତ୍ତି ଆଦୌ ଗ୍ରହଣୀୟ ନୁହେଁ। ଏନେଇ ଗତ ନଭେମ୍ବର ୮ ତାରିଖରେ ପରୀକ୍ଷା ନିୟନ୍ତ୍ରକ ଓ କୁଳପତିଙ୍କୁ ସାକ୍ଷାତ କରି ଛାତ୍ରୀଛାତ୍ର ଦରଖାସ୍ତ ପ୍ରଦାନ କରିବା ସହ ଆଲୋଚନା କରିଥିଲେ। ନିଷ୍ପତ୍ତି ଅନୁଯାୟୀ ନିଜ ନିଜ ବିଭାଗ ମୁଖ୍ୟଙ୍କ ଜରିଆରେ ପରୀକ୍ଷା ନିୟନ୍ତ୍ରକଙ୍କୁ ଦରଖାସ୍ତ ପ୍ରଦାନ କରାଯାଇଥିଲା। ଗତ ୨୩ ତାରିଖରେ ପୁନଶ୍ଚ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକଙ୍କୁ ସାକ୍ଷାତ କରି ଶତାଧିକ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। କିନ୍ତୁ କର୍ତ୍ତୃପକ୍ଷ ସମସ୍ୟାକୁ ସମାଧାନ କରୁ ନ ଥିବା ଚିନ୍ମୟ ବିଶ୍ୱାଳ, ରିତିକ୍ ଶର୍ମା, ସତ୍ୟବ୍ରତ ଚାନ୍ଦ, ମନୋଜ କୁମାର ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି। ଖବର ଲେଖା ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଆଲୋଚନା ପାଇଁ ଛାତ୍ରୀଛାତ୍ରଙ୍କ ନିକଟରେ ପହଞ୍ଚି ନ ଥିବା ଜଣାପଡ଼ିଛି।



ଧାରଣାରତ ଛାତ୍ରୀଛାତ୍ର।

# ଶୀତରେ ଥରୁଛି କେନ୍ଦୁଝର

କେନ୍ଦୁଝର,୨୯।୧୧ (ସ୍ୱ.ପ୍ର.)

ବିଳମ୍ବରେ ହେଉ ପଛେ କେନ୍ଦୁଝର ଜିଲାରେ ଶୀତର ଆଗମନ ହୋଇଛି। ଧୀରେ ଧୀରେ ଶୀତର ପ୍ରକୋପ ବୃଦ୍ଧି ପାଉଥିବାରୁ ଥରୁଛି କେନ୍ଦୁଝର। ତେବେ ଲୋକେ ବିଭିନ୍ନ ଉପାୟରେ ଶୀତକୁ ସ୍ୱାଗତ କରୁଛନ୍ତି। କିଏ ଭୋଜିଭାତ କରି ତ ଆଉ କିଏ ନିଆଁ ପୋଇଁ ହୋଇ ତ କିଏ କବିତା ଲେଖି ଶୀତର ମଜା ନେଉଛନ୍ତି। ସୋମବାର ସକାଳେ ତାପମାତ୍ରା ୧୩ ଡିଗ୍ରୀ ତଳେ ଅର୍ଥାତ୍ ୧୨.୪ ଡିଗ୍ରୀ ସେଣ୍ଟିଗ୍ରେଡ୍ ରେକର୍ଡ କରାଯାଇଛି। ଯାହାକି ଚଳିତବର୍ଷର ସର୍ବନିମ୍ନ ବୋଲି ଜଣାପଡ଼ିଛି। ତାପମାତ୍ରା ଆହୁରି କମ୍ ହେବା ଓ ଶୀତ ଅଧିକ ହେବାର ଅନୁମାନ କରାଯାଉଛି। ତେବେ ସମ୍ଭାବ୍ୟ ଲଘୁଚାପ ଜନିତ ବାତ୍ୟା ଯୋଗୁ ତାପମାତ୍ରାରେ ସାମାନ୍ୟ ବୃଦ୍ଧି ପାଇବା ଆଶଙ୍କା ରହିଛି।

ଶୀତରୁ ରକ୍ଷା ପାଇଁ ଲୋକେ ରାସ୍ତାଘାଟରେ ନିଆଁ ପୋଇଁ ହେଉଥିବା ଦେଖିବାକୁ ମିଳୁଛି। ଅନ୍ୟପଟେ ସହରାଞ୍ଚଳରେ ଲୋକେ ଶୀତର ଆନନ୍ଦ ଉଠାଇବା ସହ ପ୍ରାତଃ ଭ୍ରମଣରେ ବାହାରୁ ବୁଲାବୁଲି କରୁଛନ୍ତି। ଗ୍ରାମାଞ୍ଚଳରେ ତଥା ପାହାଡ଼ିଆ ଅଞ୍ଚଳରେ ତାପାମାତ୍ରା ୧୦ ଡିଗ୍ରୀ ତଳକୁ ଖସି ଯାଉଥିବାରୁ ବିଶେଷ କରି ଗରିବ ଲୋକଙ୍କ ଜୀବନ ଦୁର୍ବିସହ ହୋଇପଡୁଛି। ଘୋଡ଼ାଇବାକୁ କମ୍ବଳ ନାହିଁ। ଭଙ୍ଗାଦଦରା ଘରେ ଓ ପଲା ମାରି ରହୁଥିବା ବନବାସୀ ନିଆଁ ଜଳାଇ ରାତି ଉଜାଗର ହେଉଛନ୍ତି। ସକାଳ ସୂର୍ଯ୍ୟ ଉଦୟ ଓ ଖରାକୁ ଅପେକ୍ଷା କରି ରହୁଥିବା ସାମାଜିକ କର୍ମୀ ଆନନ୍ଦ ସେଠୀ କହନ୍ତି।

ପ୍ରକାଶ ଯେ, ଏହି ଜିଲା ଏକଦା ଶୀତ ପାଇଁ ପ୍ରସିଦ୍ଧି ଲାଭ କରିଥିଲା। ବଣପାହାଡ଼ ଘେରା ଏହି ଜିଲାକୁ ବାହାରୁ ପର୍ଯ୍ୟଟକମାନେ ବୁଲିବାକୁ ଆସୁଥିଲେ। ଏପରିକି ଖରାଦିନେ ମଧ ଏହାର ଜଳବାୟୁ ସମସ୍ତଙ୍କୁ ଆକୃଷ୍ଟ କରିଥାଏ। ହେଲେ ପ୍ରାୟ ୨୫ବର୍ଷ ହେଲା ବିଭିନ୍ନ କାରଣରୁ ଜଙ୍ଗଲ ଓ ପରିବେଶ ନଷ୍ଟ ହେବା ଫଳରେ ଥଣ୍ଡାର ପ୍ରଭାବ କ୍ରମଶଃ କମିବାକୁ ଲାଗୁଛି ଏବଂ ଉତ୍ତପ୍ତ ଜିଲା ଭାବେ ପରିଗଣିତ ହେବାକୁ ବସିଛି। ଆଗଭଳି କେନ୍ଦୁଝରିଆ ଜାଡ଼ ଅନୁଭୂତ ହେଉନାହିଁ କିମ୍ବା ୬ମାସ ଧରି ଶୀତ ହେଉନାହିଁ। ବିଳମ୍ବରେ ଶୀତ ଆସୁଥିବା ବେଳେ ଏହାର ଲୁଚକାଳି ଖେଳ ଯୋଗୁ ଜୀବଜଗତ ଉପରେ ପ୍ରଭାବ ପଡୁଛି ବୋଲି ପରିବେଶବିତ୍ ଡ. ବିମ୍ବାଧର ବେହେରା କହିଛନ୍ତି।

# ସୁନାବେଶରେ ଦର୍ଶନ ଦେଲେ ତିନି ଠାକୁର

**ଇମାମୀ ଜଗନ୍ନାଥ ମନ୍ଦିର ୭ମ ପ୍ରତିଷ୍ଠା ଉତ୍ସବ**

ବାଲେଶ୍ୱର ଅଫିସ, ୨୯।୧୧

ବାଲେଶ୍ୱର ଜିଲା ରେମୁଣା ବ୍ଲକ ବାଲଗୋପାଳପୁର ଶିଳ୍ପାଞ୍ଚଳସ୍ଥିତ ଇମାମୀନଗର ଶ୍ରୀ ଜଗନ୍ନାଥଙ୍କର ୭ମ ପ୍ରତିଷ୍ଠା ଦିବସ ସୋମବାର କୋଭିଡ କଟକଣା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାଳୁମାନେ ମହାପ୍ରଭୁ ଜଗନ୍ନାଥ, ବଡ଼ଠାକୁର ବଳଭଦ୍ର ଏବଂ ମା' ସୁଭଦ୍ରା ଦେବୀଙ୍କର ସୁନାବେଶ ଦର୍ଶନ କରିବାର ସୁଯୋଗ ଲାଭ କରିଥିଲେ।

ପୂର୍ବାହ୍ଣରେ ୧୦୮କଳସ ଯାତ୍ରା ଶେଷହେବା ପରେ ଭକ୍ତମାନଙ୍କ ପାଇଁ ସାହାଣମେଳା ଦର୍ଶନ ଅନୁଷ୍ଠିତ ହୋଇଥିଲା। ଗର୍ଭଗୃହ ମଧ୍ୟରେ ଶ୍ରୀଜଗନ୍ନାଥ, ଶ୍ରୀ ବଳଭଦ୍ର ଏବଂ ମାତା ସୁଭଦ୍ରା ଦେବୀଙ୍କର ଅପୂର୍ବ ସୁନାବେଶ ଅନୁଷ୍ଠିତ ହୋଇଥିଲା। ୧୦ଟାରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ମହାଯଜ୍ଞ ଆୟୋଜନ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ସନ୍ଧ୍ୟା ୯ଟାରେ ଭଜନସନ୍ଧ୍ୟା ଆୟୋଜନ କରାଯାଇଥିଲା। ଇମାମୀ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ତଥା ମନ୍ଦିର ମୁଖ୍ୟ ପୁରୋଧା ସୁଶୀଲ୍ ଗୋଏଙ୍କା, ସ୍ଥାନୀୟ ଇମାମୀ ପେପର ମିଲ୍‌ସ ଲିମିଟେଡର ନିର୍ଦ୍ଦେଶକ ସୁଶୀଲ୍ କୁମାର ଖୈତାନ୍, ବରିଷ୍ଠ ସଭାପତି ଆଶିଷ ଅବିନାଶ ଗୁପ୍ତା, ସାଧାରଣ ପରିଚାଳକ ଡ. ୟେସୁଫ୍ ଅଲ୍ଲୀ ସୋଲାଙ୍କି, ଡିଜିଏମ୍ ଦେବବ୍ରତ ହୋତା, ମନ୍ଦିର ପ୍ରଶାସନିକ ଅଧିକାରୀ ନିଖିଲ ରଞ୍ଜନ ଦାସସାମନ୍ତରାୟ ତଥା ଅତିରିକ୍ତ ପରିଚାଳକ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ପାଢ଼ୀଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା।



ସୁନାବେଶରେ ତିନି ଠାକୁର।

## ଆମ୍ବେଡକର କଲ୍ୟାଣ ସମିତି ପକ୍ଷରୁ ସମ୍ବିଧାନ ଦିବସ

ବାଲିଆପାଳ,୨୯।୧୧(ସ୍ୱ.ପ୍ର.)

ବାଲିଆପାଳ ଆମ୍ବେଦକର କଲ୍ୟାଣ ସମିତି ପକ୍ଷରୁ ପାରୁଳିଆ ଛକସ୍ଥିତ ଶ୍ରୀଦୁର୍ଗା କଲ୍ୟାଣମଣ୍ଡପ ପରିସରରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ସମିତି ସଭାପତି ବୈଲୋଚନ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରାଧ୍ୟାପକ କୁଞ୍ଜକାନ୍ତ ପାତ୍ର ଯୋଗଦେଇ ଭାରତର ସମ୍ବିଧାନ ପ୍ରଣେତା ଭୀମରାଓ ଆମ୍ବେଡକରଙ୍କୁ ସମ୍ମାନ ଜଣାଇ ସର୍ବବୃହତ ସମ୍ବିଧାନ ହେଉଛି ଭାରତର ସମ୍ବିଧାନ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବରେ ପ୍ରମୋଦ କୁମାର ପଞ୍ଚାୟତ ଯୋଗଦେଇଥିଲେ। ବରିଷ୍ଠ ଖବରଦାତା ଅଜୟ କୁମାର ସାହୁ, ମମତା ମଣ୍ଡଳ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ସମିତି ଆବାହକ ତଥା ଖବରଦାତା ପ୍ରଫୁଲ ପାତ୍ର କାର୍ଯ୍ୟକ୍ରମ ରୂପରେଖ ବିଷୟରେ ବର୍ଣ୍ଣନା କରିଥିଲେ।

# ଆଶାକର୍ମୀ ସଂଘ ପକ୍ଷରୁ ସ୍ମାରକପତ୍ର

ଖଇରା,୨୯।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଆଶାକର୍ମୀ ସଂଘ ପକ୍ଷରୁ ୧୨ଦଫା ଦାବି ପୂରଣ ଲାଗି ଭାରତୀୟ ମଜଦୁର ସଂଘ ତରଫରୁ ଶୋଭାଯାତ୍ରା ଆୟୋଜନ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଶତାଧିକ ଆଶାକର୍ମୀଙ୍କ ଏକ ଶୋଭାଯାତ୍ରା ରାଜ୍ୟ ଉପସଭାପତି କୁମମଣୀ ଦେଈଙ୍କ ନେତୃତ୍ୱରେ ନଟାପଟା ଛକରୁ ବାହାରି ଖଇରା ବ୍ଲକ ପରିସରରେ ପହଞ୍ଚିବା ପରେ ସମସ୍ତ ଆଶାକର୍ମୀ ଧାରଣାରେ ବସିଥିଲେ। ସ୍କିମ୍ ପ୍ରଥା ଉଚ୍ଛେଦ କରି ସରକାରୀ ମାନ୍ୟତା ପ୍ରଦାନ, ସର୍ବନିମ୍ନ ସରକାରୀ ମଜୁରୀ ପ୍ରଦାନ, ଆଶାକର୍ମୀଙ୍କ ପରିବାରକୁ ସାମାଜିକ ସୁରକ୍ଷା, ୫ଲକ୍ଷ ଟଙ୍କାର ଦୁର୍ଘଟଣାଜନିତ ବୀମା, ଇପିଏଫ୍ ଓ ଇଏସ୍‌ଆଇ ଲାଗୁ କରାଯିବା, ସମସ୍ତ ଆଶାକର୍ମୀଙ୍କୁ ମୋବାଇଲ ପ୍ରଦାନ, ବରିଷ୍ଠତା ଭିତ୍ତିରେ ପଦୋନ୍ନତି କରାଯିବା ଦାବି ନେଇ ସ୍ଲୋଗାନ ଦିଆଯାଇଥିଲା। ପରେ ସଭାପତି କନକଲତା ଜେନା ଓ ସମ୍ପାଦିକା ସନ୍ଧ୍ୟାରାଣୀ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ବିଡିଓଙ୍କ ଅନୁପସ୍ଥିତିରେ ହିସାବ ରକ୍ଷକଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

# ସେବା ଯୋଗାଇ ଚାଲିଛନ୍ତି ଦମ୍ପତି

ବାହାନଗା, ୨୯।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲାର ଏକ ଦମ୍ପତି ଜନସେବା କରିବାକୁ ଆଗେଇ ଆସିଛନ୍ତି। ସେମାନେ ବିଭିନ୍ନ ଅନାଥ ଆଶ୍ରମ, ବୃଦ୍ଧାଶ୍ରମରେ ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇଦେବା ସହିତ ଔଷଧ ମଧ ରୋଗୀମାନଙ୍କୁ ମାଗଣାରେ ପ୍ରଦାନ କରୁଛନ୍ତି। ଏଭଳି ଜନସେବା କରୁଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା ବାହାନଗା ବ୍ଲକ ଖରାସାହାପୁର ପଞ୍ଚାୟତ ଆଳଦା ଗ୍ରାମର ମଲ୍ଲିକା ଶିଶୁ ମଙ୍ଗଳ ଅନୁଷ୍ଠାନରେ। ଅନନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସରକାରୀ ଡାକ୍ତର ଭାବେ କାର୍ଯ୍ୟରତ ଡାକ୍ତର ସୁକାନ୍ତ କୁମାର ସାହୁ ଏବଂ ତାଙ୍କୁ ସହାୟତା କରୁଥିବା ଗୃହିଣୀ ସ୍ତ୍ରୀ ଗାୟତ୍ରୀ ରବିବାର ଅନାଥ ଆଶ୍ରମରେ ପହଞ୍ଚି ପିଲାମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ବିଭିନ୍ନ ରୋଗର ଚିକିତ୍ସା କରୁଥିବା ଦେଖିବାକୁ ମିଳିଥିଲା। ସେମାନେ ୭ମାସ ହେଲାଣି ବିଭିନ୍ନ ଅନାଥ ଆଶ୍ରମ, ବୃଦ୍ଧାଶ୍ରମ ବୁଲି ସେବା ଯୋଗାଇ ଆସୁଛନ୍ତି। ସେ ସିନ୍ଧିଆସ୍ଥିତ ଅନାଥ ଆଶ୍ରମ, ମଙ୍ଗଳପୁର, ଗୁଡୁ ଆଦି ସ୍ଥାନରେ ଥିବା ଆଶ୍ରମରେ ରହିଥିବା ଅନାଥ ପିଲା, ବୃଦ୍ଧାବୃଦ୍ଧ, ମହିଳାଙ୍କୁ ମାଗଣାରେ ବିଭିନ୍ନ ରୋଗ ବାବଦରେ ଚିକିତ୍ସା କରୁଛନ୍ତି। ଅଦ୍ୟାବଧି ଉକ୍ତ ଦମ୍ପତି ୩୦ରୁ ଅଧିକ ଆଶ୍ରମରେ ଥିବା ପିଲାଠାରୁ ବୃଦ୍ଧ ପର୍ଯ୍ୟନ୍ତ ଚିକିତ୍ସା କରିସାରିଲେଣି। ଡା. ସୁକାନ୍ତ ଅନନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସରକାରୀ ଡାକ୍ତର ଭାବେ କାର୍ଯ୍ୟରତ ଥିବା ବେଳେ ସ୍ତ୍ରୀ ଗୃହିଣୀ ଅଟନ୍ତି । ତେବେ ଡାକ୍ତରଙ୍କର ଏଭଳି ସେବାକୁ ଲୋକେ ପ୍ରଶଂସା କରିଛନ୍ତି।



## ବିଦ୍ୟୁତ୍ କର୍ମଚାରୀଙ୍କୁ ମାଡ଼

କୁଆମରା,୨୯।୧୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଆରପଟା ପଞ୍ଚାୟତ ଧାଉଁଡିଆ ଗ୍ରାମରେ ବିଦ୍ୟୁତ୍ କର୍ମଚାରୀଙ୍କୁ ମାଡ଼ ମାରିବା ଅଭିଯୋଗରେ ସେହି ଗ୍ରାମର ସତୀଶ ଚନ୍ଦ୍ର ବିଶ୍ୱାଳଙ୍କୁ ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଛି। ମାଣତ୍ରୀ ଷ୍ଟକଚରେ ସୁପରଭାଇଜର ଭାବେ କାର୍ଯ୍ୟକରୁଥିବା ବିରେନ କୁମାର ଧଳ ରବିବାର ୬ଜଣ କର୍ମଚାରୀଙ୍କୁ ନେଇ ଧାଉଁଡିଆ ଗ୍ରାମରେ ବିଦ୍ୟୁତ୍ ତାରରେ ଲାଗିଥିବା ଗଛଡାଳ କାଟି ସଫା କରୁଥିଲା ବେଳେ ସତୀଶ ସେମାନଙ୍କୁ ନିଘୁଲ ମାଡ଼ ମାରିଥିଲେ। ଫଳରେ ୪ କର୍ମଚାରୀ ଆହତ ହୋଇଥିଲେ। ଏନେଇ ସୁପରଭାଇଜର ଧଳଙ୍କ ଅଭିଯୋଗ କ୍ରମେ ଖୁଣ୍ଟା ଥାନା ପୋଲିସ ଏକ ମାମଲା(ନଂ.୩୫୩/୨୧) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

# ଏସ୍‌ଏଚ୍‌ଜିର ଆନ୍ଦୋଳନ, ବିକ୍ଷୋଭ

- ଜଳେଶ୍ୱରରେ ଛତୁଆ ବଣ୍ଟନ ନେଇ ଅନିଶ୍ଚିତତା
- ବିଡିଓଙ୍କ ନିର୍ଦ୍ଦେଶରେ ଖୋଲିଲା ଫାଟକ ତାଲା

ଜଳେଶ୍ୱର, ୨୯।୧୧(ଡି.ଏନ.ଏ.)

ଅର୍ଥ ଉଠାଣ ନେଇ ସମସ୍ୟା ସୃଷ୍ଟି ହୋଇଥିବାରୁ ସୋମବାର ଜଳେଶ୍ୱର ବ୍ଲକର ୧୦ଟି ପଞ୍ଚାୟତ ଓ ମ୍ୟୁନିସିପାଲଟିରେ ଥିବା ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ରକୁ ଛତୁଆ ଯୋଗାଇ ଆସୁଥିବା ସୁବର୍ଣ୍ଣା ଛତୁଆ ମହାସଂଘ ଜଳେଶ୍ୱର ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ଏହାସହ ସଂଘ ପକ୍ଷରୁ ତାଲା ପକାଯାଇ ଫାଟକକୁ ବନ୍ଦ କରାଯାଇଥିଲା। ଶେଷରେ ବିଡିଓ ଦୀପ୍ତିରଞ୍ଜନ ସେଠୀ ପହଞ୍ଚି ଫାଟକର ତାଲା ଖୋଲିବାକୁ ତାଗିଦ୍ କରିଥିଲେ। ମଙ୍ଗଳବାର ଏ ସମ୍ପର୍କରେ ବିଧିବଦ୍ଧ ଭାବେ ବୈଠକରେ ସମାଧାନ ହେବ ବୋଲି କହିବା ପରେ ଆଇଆଇସି ପ୍ରଜ୍ଞା ମହାନ୍ତିଙ୍କ ଉପସ୍ଥିତିରେ ଫାଟକ ଖୋଲାଯାଇଥିଲା। ଏ ସମ୍ପର୍କରେ ସିଡିପିଓ ନିହାରିକା ମହାନ୍ତିଙ୍କୁ ପଚରାଯିବାରୁ ମଙ୍ଗଳବାର ବିଏଲ୍‌ଏଫ୍ କମିଟି ଗଠନ କରାଯାଇ ଛତୁଆ ବଣ୍ଟନକୁ ସ୍ୱାଭାବିକ କରାଯିବ। ହିତାଧିକାରୀ ଓ ଅଙ୍ଗନୱାଡ଼ିଗୁଡ଼ିକ ଠିକ୍ ସମୟରେ ଛତୁଆ ପାଇପାରିବେ ବୋଲି କହିଛନ୍ତି । ଏହି ଆନ୍ଦୋଳନରେ ମହାସଂଘର ସଭାନେତ୍ରୀ ନିୟତୀ ରାଜ, ସମ୍ପାଦିକା କାଞ୍ଚନବାଳା ପରିଡା, ସୁମିତ୍ରା ଜେନା, ସବିତା ପାତ୍ର, ଗୀତାଞ୍ଜଳି ବାରିକ, ସନ୍ଧ୍ୟାରାଣୀ ଜେନା ପ୍ରମୁଖ ବହୁ ସଭ୍ୟା ନେତୃତ୍ୱ ନେଇଥିଲେ।



ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା।

# 'ଆନନ୍ଦ ଶଙ୍କରଙ୍କ ନାଟକରେ ସଂସ୍କୃତି, ପରମ୍ପରାର ଝଲକ'

**ସାହିତ୍ୟ ଏକାଡେମୀର ଆଲୋଚନାଚକ୍ର**

ବାରିପଦା ଅଫିସ,୨୯।୧୧

କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ବାରିପଦାସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ନାଟ୍ୟକାର ଆନନ୍ଦ ଶଙ୍କର ଦାସଙ୍କ ସାହିତ୍ୟକୃତି ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି କିଶୋର କୁମାର ବସା କାର୍ଯ୍ୟକ୍ରମକୁ ଉଦଘାଟନ କରି ରାଜ୍ୟ ଓ ଜାତୀୟ ସ୍ତରୀୟ ଅନୁଷ୍ଠାନ ପକ୍ଷରୁ ଏହି ବିଶ୍ୱବିଦ୍ୟାଳୟରେ ଶୈକ୍ଷିକ ଓ ଗବେଷଣାତ୍ମକ କାର୍ଯ୍ୟ କରିବା ପାଇଁ ଆଗ୍ରହ ପ୍ରକାଶ କରିବା ଗୌରବର ବିଷୟ ବୋଲି କହିଥିଲେ। ବାରିପଦାର ମୌଳିକ ପରମ୍ପରାକୁ ରକ୍ଷା କରିବା ସହିତ ଆନନ୍ଦ ଶଙ୍କରଙ୍କ ନାଟକ ଗୁଡ଼ିକ ସ୍ଥାନ କରି ବିଶ୍ୱବିଦ୍ୟାଳୟରେ ସଂରକ୍ଷିତ ରଖାଯିବ ବୋଲି କହିଥିଲେ। ଡ. ରାଖାଲ ଚନ୍ଦ୍ର ଘଡାଇ, ହେମେନ୍ଦ୍ର ମହାପାତ୍ର, ଡ.କବିତା ବାରିକ, ଡ. ସୁଶାନ୍ତ ବସା ପ୍ରବନ୍ଧ ପାଠ କରିଥିବା ବେଳେ ଶିକ୍ଷକ ଅମିତାଭ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉଦଯାପନୀ ଉତ୍ସବରେ ସାହିତ୍ୟ ଏକାଡେମୀର ପୂର୍ବାଞ୍ଚଳ ସମ୍ପାଦକ ଡ.ଦେବେନ୍ଦ୍ର କୁମାର ଦେବେଶ, ଓଡ଼ିଆ ବିଭାଗର ମୁଖ୍ୟ ଡ. ବିଚିତ୍ର ନାଥ ସାହୁ, ପ୍ରଫେସର ବିଷ୍ଣୁପ୍ରିୟା ଓତା, ଡ.ବିଜୟା ନନ୍ଦ ସିଂ ପ୍ରମୁଖ ଉପସ୍ଥିତ ରହି ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାଗୁଡ଼ିକ ଆନନ୍ଦ ଶଙ୍କରଙ୍କ ନାଟକରେ ଉପସ୍ଥାପନା ବେଶ ଆଦୃତି ଲାଭ କରିଥିବା କହିଛନ୍ତି । ଡ.ଦେବୀ ପ୍ରସାଦ ଶତପଥୀ, ଆଶିଷ କୁମାର ବସା, ଡ.ରିତୁଲତା ବିଶ୍ୱାଳ ପ୍ରବନ୍ଧ ପାଠ କରିଥିଲେ। ଡ.ନଟବର ପାଣିଗ୍ରାହୀ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ଏମ୍‌ପିସି ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧକ୍ଷା ପ୍ରଦ୍ମଶ୍ରୀ ଡ.ଦମୟନ୍ତୀ ବେଶ୍ରାଙ୍କୁ କୁଳପତି ସମ୍ବର୍ଦ୍ଧିତ କରିଥିଲେ। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ଅନୀଲ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

# ରାସ୍ତା ଅବରୋଧ ବେଳେ ଉଠାଇ ନେଲା ପୋଲିସ

**'ମାସା' ସଙ୍ଗଠନର ୧୨ ଘଣ୍ଟିଆ ମୟୂରଭଞ୍ଜ ବନ୍ଦ**

ବାରିପଦା ଅଫିସ/ଠାକୁରମୁଣ୍ଡା/ବୈଶିଙ୍ଗା/ବିଶୋଇ / କୁଆମରା/କପ୍ତିପଦା/ରାଇରଙ୍ଗପୁର, ୨୯।୧୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଆଦିବାସୀ ଛାତ୍ର ସଙ୍ଗଠନ ମାସା ଆର୍ମି ପକ୍ଷରୁ ୧୨ଘଣ୍ଟିଆ ବନ୍ଦ ଡାକରାର ମିଶ୍ରିତ ପ୍ରଭାବ ପଡ଼ିଛି। ଆଦିବାସୀଙ୍କ ନ୍ୟାର୍ଯ୍ୟ ଦାବି ପୂରଣ ନିମନ୍ତେ ସଙ୍ଗଠନ ପକ୍ଷରୁ ଦିଆଯାଇଥିବା ବନ୍ଦ ଡାକରା ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି । ସୋମବାର ସକାଳ ୬ଟାରେ ସଙ୍ଗଠନର କର୍ମକର୍ତ୍ତାମାନେ ସହର ଉପକଣ୍ଠ ଦେଇ ଯାଇଥିବା ୧୮ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବରପାଇ ଟାଉନଥାନା ପୋଲିସ ପହଞ୍ଚି ଅବରୋଧ ହଟାଇବା ସହ ବିକ୍ଷୋଭକାରୀଙ୍କୁ ଉଠାଇ ନେଇଥିଲା। ବାରିପଦା ସହରର ବଡ଼ ବ୍ୟବସାୟିକ ଅନୁଷ୍ଠାନ ବନ୍ଦ ଥିବା ବେଳେ ଅଧିକାଂଶ ଦୋକାନ ବଜାର ଖୋଲା ରହିଥିଲା। ଚାରିଚକିଆ ଯାନବାହାନ ଚଳପ୍ରଚଳ କରୁଥିବା ବେଳେ ଯାତ୍ରୀବାହୀ ବସ୍ ବନ୍ଦ ରହିଥିଲା । ଅନେକ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ,ପେଟ୍ରୋଲ ପମ୍ପ, ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନଗୁଡ଼ିକ ଖୋଲା ରହିଥିଲା। ସଙ୍ଗଠନର ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ବନ୍ଦ ପାଳନରେ ସାମିଲ ଥିଲେ ।

ଠାକୁରମୁଣ୍ଡାରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ହୋ ଛାତ୍ର ସଂଗଠନ ସଭାପତି ରାମଚନ୍ଦ୍ର ବଦ୍ରା, ଆଦିବାସୀ ସୁରକ୍ଷା ସମିତି ସଭାପତି ଭୀମସେନ ଟୁଡୁ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଥିଲେ। ବୈଶିଙ୍ଗା ଓ ବେତନଟୀ ଅଞ୍ଚଳରେ ବନ୍ଦ ଡାକରା ପ୍ରଭାବ ଶୂନ୍ୟ ଥିବା ଲକ୍ଷ୍ୟ କରାଯାଇଛି। ବିଶୋଇ ବ୍ଲକ 'ମାସା' ସଭାପତି ଆନପା ବାସ୍କେଙ୍କ ନେତୃତ୍ୱରେ ରାସ୍ତା ଅବରୋଧ ହୋଇଥିଲେ ମଧ ଅଳ୍ପ ସମୟ ପରେ ଅବରୋଧ ହଟିଥିଲା। ଯାନବାହନ ଚଳାଚଳ ସ୍ୱାଭାବିକ ଥିଲା। ଗୋପବନ୍ଧୁ ନଗର ବ୍ଲକରେ ବନ୍ଦ ପାଳନ ପ୍ରଭାବ ଶୂନ୍ୟ ଥିଲା। ଯାତ୍ରୀବାହୀ ବସ ଗୁଡ଼ିକ ବନ୍ଦ ରହିଥିଲା। ଦୋକାନ ବଜାର ଖୋଲା ଥିଲା। ଶରତ ଆଞ୍ଚଳିକ ଆଦିବାସୀ ଏକତା ପରିଷଦର ଆହ୍ୱାନକ୍ରମେ ଶରତ ବଜାର, ସରକାରୀ କାର୍ଯ୍ୟାଳୟ, ଗାଡ଼ି ମୋଟର ଚଳାଚଳ ବନ୍ଦ ରହିଥିଲା। ରାଇରଙ୍ଗପୁରଠାରେ ବନ୍ଦର ଆଂଶିକ ପ୍ରଭାବ ପଡ଼ିଥିଲା। ବସ୍ ଚଳାଚଳ ଓ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା।




ବାରିପଦାରେ ରାସ୍ତା ଅବରୋଧ କରୁଥିବା 'ମାସା' ସଙ୍ଗଠନର କର୍ମକର୍ତ୍ତା।

